ସବୁ ଈଶ୍ୱରଙ୍କ ସୃଷ୍ଟି, ଭାଷା ହିଁ ମଣିଷର ସୃଷ୍ଟି: ଦେବୀପ୍ରସନ୍ନ

ଭୁବନେଶ୍ୱର, ୨୨/୪(ଇମିସ): ଭାରତ ହେଉଛି ଭାଷାର ସଂଗ୍ରହାଳୟ। ଏଠାରେ କିଛି କିଛି କିଲୋମିଟରରେ ଭାଷା ବଦଳିଯାଏ। ସାରା ବିଶ୍ୱ, ଭାରତର ଏହି ବିଭିନ୍ନତା ଦେଖି ଆଶ୍ଚର୍ଯ୍ୟ ହୁଏ। ବିବିଧତା ଭିତରେ ଏକତା ଆମ ଦେଶର ନିଆରାପଣ। ଭିନ୍ନ ଭିନ୍ନ ଭାଷା ଆମକୁ ଅଧିକ ଜ୍ଞାନ, ସଂସ୍କୃତି ଓ ପରମ୍ପରା ଦେଇଛି। ଆମ ଲେଖକମାନେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରି ସାହିତ୍ୟ ସର୍ଜନା କରିବାକୁ କେନ୍ଦ୍ର ସାହିତ୍ୟ ଅକାଦେମିର ସଭାପତି ମାଧବ କୌଶିକ ପରାମର୍ଶ ଦେଇଥିଲେ। ଆଜି ସଂସ୍କୃତି ଭବନ ପରିସରରେ କେନ୍ଦ୍ର ସାହିତ୍ୟ ଅକାଦେମି ଓ ଓଡ଼ିଶା ସାହିତ୍ୟ ଏକାଡେମିର ମିଳିତ ଆନୁକୂଲ୍ୟରେ ଆୟୋଜିତ 'ସଉରା ଭାଷା ସମ୍ମିଳନୀ'ରେ ଯୋଗ ଦେଇ ଶ୍ରୀ କୌଶିକ ଏହା କହିଛନ୍ତି।

ଉଦ୍‌ଘାଟକ ଭାବେ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଲେ, ଆଦିବାସୀ ଜନଜାତି କ'ଣ ମୁଖ୍ୟ ସ୍ରୋତର ନୁହନ୍ତି? ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ମନୁଷ୍ୟରେ ଏତେ କୋଳାହଳ କାହିଁକି? ସଉରା ବା ଶବରମାନଙ୍କର ସଭ୍ୟତା, ସଂସ୍କୃତି ଓ ଭାଷା ପ୍ରାଚୁର୍ଯ୍ୟମୟ। ଆମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ, ଶବରମାନଙ୍କର ହିଁ ଦାନ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏଥିସହ ସେ କହିଛନ୍ତି, ପୃଥିବୀର ଅନ୍ୟ ସବୁ କିଛି ଈଶ୍ୱରଙ୍କ ଦ୍ୱାରା ସୃଷ୍ଟି। କିନ୍ତୁ 'ଭାଷା' ହିଁ ହେଉଛି ମଣିଷର ସୃଷ୍ଟି। ଆମେ ଆଦିବାସୀ ଭାଷାଗୁଡ଼ିକ ଲୋପ ପାଇବାକୁ ଯାଉଛି ବୋଲି ଆଶଙ୍କା ପ୍ରକାଶ କରୁଥିବା ବେଳେ କେବଳ ଆଦିବାସୀ କାହିଁକି, ଆମର ସ୍ୱୀକୃତିପ୍ରାପ୍ତ ୨୪ ଭାଷା ବି ଏବେ ସଙ୍କଟରେ। ଆମ ଭଉପେଢ଼ି ପାଶ୍ଚାତ୍ୟମୁଖୀ ହୋଇଥିବା ବେଳେ ଆମ ଭାରତୀୟ ଭାଷା ସବୁ ବଞ୍ଚିବ କି ନାହିଁ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି।

କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ଝାଡ଼ଖଣ୍ଡ, ବିହାର, ଓଡ଼ିଶା, ମଧ୍ୟପ୍ରଦେଶ ଆଦି ଅଞ୍ଚଳରେ ସଉରା ଜନଜାତି ବସବାସ କରୁଥିବା ବେଳେ ଓଡ଼ିଶାର କଳାହାଣ୍ଡି, ବଲାଙ୍ଗୀର ଓ ଢେଙ୍କାନାଳ ଆଦି ଜିଲ୍ଲାରେ ସେମାନଙ୍କର ସଂଖ୍ୟା ଅଧିକ। ସେମାନଙ୍କ ସଂସ୍କୃତି ସିଧାସଳଖ ପରିବେଶ ସହ ଜଡ଼ିତ। ରାମାୟଣଠାରୁ ମହାଭାରତ ପର୍ଯ୍ୟନ୍ତ ସବୁଠି ସଉରାମାନଙ୍କ ବର୍ଣ୍ଣନା ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତି ସହ ମଧ୍ୟ ସଉରାମାନେ ଓତପ୍ରୋତ ଭାବେ ଜଡ଼ିତ। ସେମାନଙ୍କ ଏହି ସଂସ୍କୃତି, ସଭ୍ୟତା, ପରମ୍ପରା, ଚାଲିଚଳଣି ଓ ଭାଷାର ପ୍ରଚାରପ୍ରସାର ତଥା ସଂରକ୍ଷଣ ଉଦ୍ଦେଶ୍ୟରେ ଏହି ସମ୍ମିଳନୀର ପରିକଳ୍ପନା କରାଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି।

ଓଡ଼ିଶା ସାହିତ୍ୟ ଏକାଡେମି ସଭାପତି ହୃଷୀକେଶ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ, ଦେଶ ତଥା ରାଜ୍ୟରେ ସଉରାମାନେ ବିକ୍ଷିପ୍ତ ଭାବେ ବସବାସ କରନ୍ତି। ତେଣୁ ସେମାନଙ୍କ ଉପଭାଷା ଭିନ୍ନ ଭିନ୍ନ। ଏସବୁକୁ ଏକାଠି କରି ସେମାନଙ୍କ ଶବ୍ଦକୁ ଭଣ୍ଡାର କରିପାରିଲେ ସଉରା ଭାଷାର ପୁନରୁତ୍ଥାନ ଓ ସଂରକ୍ଷଣ ସମ୍ଭବ। ଏଥିସହ ସେ କହିଛନ୍ତି, ଏକ ବିକ୍ଷିପ୍ତ ଭାଷା ଅପେକ୍ଷା ଏକ ସଂଗଠିତ ଭାଷାର ପ୍ରଚାରପ୍ରସାର ବା ସଂରକ୍ଷଣ ସମ୍ଭବ।

ଏହି ସମ୍ମିଳନୀରେ ଲୋକ-ସଂସ୍କୃତି ଗବେଷକ ମହେନ୍ଦ୍ର କୁମାର ମିଶ୍ର କହିଲେ, ସଉରାମାନେ ନିରକ୍ଷର, କିନ୍ତୁ ସେମାନଙ୍କ ସୃଜନଶୀଳତା ଉଚ୍ଚକୋଟୀର। ପ୍ରକୃତିକୁ ନେଇ ତାଙ୍କ ସଂସ୍କୃତି। ସେମାନଙ୍କ ମୌଖିକ ସାହିତ୍ୟ, ଜଙ୍ଗଲ, ମାଟି, ପରିବେଶ ଓ ପ୍ରକୃତି ସୁରକ୍ଷାର ବାର୍ତ୍ତା ଦିଏ। ସେମାନଙ୍କ ସଂସ୍କୃତି, ପରମ୍ପରା, ଆରାଧ୍ୟ ଦେବତା ଓ ଭାଷା ସବୁ ଏକ। ଏଣୁ ଏମାନେ ଧର୍ମର ଊର୍ଦ୍ଧ୍ୱରେ ଜଣେ ଜଣେ ଆଦିବାସୀ। ସଉରାଙ୍କ ସୃଷ୍ଟି ସହ ବାଇବେଲର ସମ୍ପର୍କ ରହିଛି, ଆଉ ବାଇବେଲକୁ ସମସ୍ତେ ପଢନ୍ତି। ଏହି ସମ୍ପ୍ରଦାୟ ମହାପ୍ରଭୁ ଜଗନ୍ନାଥଙ୍କ ସହ ଜଡ଼ିତ ଏବଂ ସେଇ ଠାକୁରଙ୍କୁ ସମସ୍ତେ ପୂଜନ୍ତି ବୋଲି ସେ କହିଥିଲେ। ଏଥିସହ ଡକ୍ଟର ମିଶ୍ର ୨୦୦୮ କନ୍ଧମାଳ ଦଙ୍ଗା କଥା ମଧ୍ୟ ସୂଚାଇଥିଲେ। କନ୍ଧମାଳରେ ଦଙ୍ଗା ଯୋଗୁଁ ଏକଦା ୧୪୪ ଧାରା ଲାଗିଥିବା ବେଳେ ଗଜପତିରେ ସଉରା ଜନଜାତି ଦଙ୍ଗା ହେବାକୁ ଦେଇନଥିଲେ। ଏଥିରୁ ସେମାନଙ୍କ ମହାନ ମାନବୀୟ ଚିନ୍ତାଧାରାର ପ୍ରମାଣ ମିଳେ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ କହିଲେ, ୟୁନେସ୍କୋର ତଥ୍ୟ ଅନୁଯାୟୀ, ପୃଥିବୀରେ ପ୍ରତି ୧୪ ଦିନରେ ଗୋଟିଏ ଗୋଟିଏ ଭାଷା ମରିଯାଉଛି। ଗୋଟିଏ ଭାଷା ମରିଗଲେ, ଏହାର ଭିତରେ ଥିବା ବହୁ ପ୍ରଚଳିତ ଜ୍ଞାନ ମରିଯାଏ। ଧୀରେଧୀରେ ଏହାର ସଂସ୍କୃତି ଓ ପରମ୍ପରା ବି ମରିଯାଏ। ଏଥିସହ ସେ କହିଛନ୍ତି ଯେ ଗୋଟିଏ ଭାଷା ମରିବା ପଛରେ ମୁଖ୍ୟ କାରଣ ହେଉଛି, ସେହି ଭାଷାର ଉଚ୍ଚଶିକ୍ଷିତ ଲୋକମାନେ ବିଶ୍ୱସ୍ତରୀୟ ହେବାର ନିଶାରେ ଏବେ ସମସ୍ତେ ସ୍ଥାନୀୟ ଓ ନିଜସ୍ୱ ଭାଷା, ପରମ୍ପରା ଓ ସଂସ୍କୃତିରୁ ଦୂରେଇ ଯାଉଛନ୍ତି। ଫଳରେ ଭାଷା ମରିବାକୁ ଲାଗିଛି।

କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟାମଣ୍ଡଳୀ ଆବାହକ ଗୌରହରି ଦାସ କହିଲେ, ସଉରା ସଂସ୍କୃତିରେ ଅଣ୍ଡା ବର୍ଗର ଲୋକେ ବାସ କରିଆସୁଥିବାରୁ ଏହି ଗୋଷ୍ଠୀକୁ ଅଣ୍ଡାବର୍ଗ ସଉରା ସମାଜ କହନ୍ତି। ସେମାନଙ୍କ ଗୋତ୍ରରେ ମୁନିଋଷିଙ୍କ ନାମ ବଦଳରେ ପଶୁ, ପକ୍ଷୀ, ଗଛ ଓ ଫଳଫୁଲ ନାଁ ଦେଖିବାକୁ ମିଳେ। ପୁରାଣ ଓ ଇତିହାସରେ ସଉରା ଜନଜାତିର ଉତ୍ପତ୍ତି ଓ ଉତ୍ଥାନ ସମ୍ବନ୍ଧରେ ବହୁକଥା ଉଲ୍ଲେଖ ଅଛି।

କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଅକାଦେମିର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇଥିଲେ। ଭୁବନେଶ୍ୱରରେ ଏକ କଥିତ ଓ ଆଦିବାସୀ ଭାଷା ସାହିତ୍ୟ କେନ୍ଦ୍ର ଖୋଲିବା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସାହିତ୍ୟ ଅକାଦେମି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି ବୋଲି ଡ. ରାଓ ଏହି ଅବସରରେ ସୂଚନା ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମିର ସଚିବ ପ୍ରବୋଧ ରାଉତ ଧନ୍ୟବାଦ ଦେଇଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ 'ସଉରା ଭାଷା, ସାହିତ୍ୟ ଓ ସଂସ୍କୃତିର ଇତିହାସ' ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନକୁ ଅନ୍ତର୍ଯ୍ୟାମୀ ମିଶ୍ର ପରିଚାଳନା କରିଥିବା ବେଳେ ସୋମ୍ନାଥ ସୋଭାରା, ବାସନ୍ତୀ ମହାନ୍ତି, ରାଜେନ୍ଦ୍ର ପାଢ଼ୀ ଓ ଇନ୍ଦ୍ରନୀଲ ଆଚାର୍ଯ୍ୟ ପ୍ରମୁଖ ଆଲୋଚକ ଭାବେ ଯୋଗ ଦେଇଥିଲେ। ସେହିଭଳି ଶେଷ ଅଧିବେଶନରେ ସଉରା ଗଳ୍ପ ପାଠ ସମାରୋହ ଅନୁଷ୍ଠିତ ହୋଇଥିଲା। ସଇଦୁ ସବର, କମ୍ଲୋଦର ସବର, ଜୈନ କାର୍ଜୀ ଓ ବିନାମ୍ବି ଗମାଙ୍ଗୋ ଗଳ୍ପ ପାଠ କରିଥିଲେ। ରାମପ୍ରସାଦ ଗମାଙ୍ଗୋ ସଭାପତିତ୍ୱ କରିଥିଲେ।